# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

### 19 March – 2026

---

## ପୁରୀ-ବୈଠକ

ସ୍କନ୍ଦପୁରାଣର ପୁରୁଷୋତ୍ତମ ମହାତ୍ମ୍ୟକୁ ଇଂରାଜୀରେ ଅନୁବାଦ କରାଯାଇ ପୃଥିବୀର କୋଣେ ଅନୁକୋଣେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ବାହାର ପ୍ରସାର ପାଇଁ ଶ୍ରୀମନ୍ଦିର ପ୍ରଚାର ପ୍ରସାର କମିଟିର ବୈଠକରେ ନିଷ୍ପତ୍ତି ହୋଇଛି । ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ବୈଠକର ନିଷ୍ପତ୍ତି ଅନୁସାରେ ସ୍କନ୍ଦ ପୁରାଣର ପୁରୁଷୋତ୍ତମ ମହାତ୍ମ୍ୟ ଅନୁବାଦରେ ଏକହଜାର ଶ୍ଲୋକ ରହିବ । ପୁରୀ ଶ୍ରୀମନ୍ଦିର ପ୍ରଭୁ ଶ୍ରୀଜଗନ୍ନାଥଙ୍କର ମୂଳପୀଠ ହୋଇଥିବାରୁ ଦେଶ ଓ ବିଦେଶରେ ଶ୍ରୀଜୀଉ ଓ ଶ୍ରୀମନ୍ଦିରର ରୀତିନୀତି, ପରମ୍ପରା, ରଥଯାତ୍ରା, ପର୍ବପର୍ବାଣୀ ନେଇ ଏକ ମାର୍ଗଦର୍ଶିକା ଓ କ୍ୟାଲେଣ୍ଡର ପ୍ରସ୍ତୁତ କରାଯିବ । ଅଦିନିଆ ରଥଯାତ୍ରା ଏବଂ ଧାର୍ମିକ ପରମ୍ପରାକୁ ବ୍ୟାହତ କରୁଥିବା ପଦକ୍ଷେପଗୁଡ଼ିକୁ ପ୍ରତିହତ କରିବା, ସ୍କନ୍ଦ ପୁରାଣର ଓଡ଼ିଆ, ହିନ୍ଦୀ, ଇଂରାଜୀ ଓ ସଂସ୍କୃତ ଆଦି ପୁସ୍ତକର ଡିଜିଟାଇଜେସନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଥିଲା ।

## ରେଳମନ୍ତ୍ରୀ

ଓଡ଼ିଶାରେ ରେଳବାଇର ବିକାଶ ପାଇଁ କେନ୍ଦ୍ର ରେଳ ମନ୍ତ୍ରଣାଳୟର ସହଯୋଗରେ ପୁରୀ-କୋଣାର୍କ, ଗୁଣପୁର-ଥେରୁବାଲି ଓ ଖୋର୍ଦ୍ଧାରୋଡ଼-ବଲାଙ୍ଗିର ପ୍ରକଳ୍ପକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି । ରାଜ୍ୟ ସରକାର ଆସନ୍ତା ଆର୍ଥିକ ବର୍ଷରେ ଏଥିପାଇଁ ୪୫୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି । ଏଥିସହିତ ରାଜ୍ୟରେ ଚାଲୁ ରହିଥିବା ଜୟପୁର-ମାଲକାନଗିରି, ଜୟପୁର-ନବରଙ୍ଗପୁର, ବୁଢ଼ାମରା-ଚାକୁଳିଆ, ବାଦାମପାହାଡ଼-କେନ୍ଦୁଝର, ବାଙ୍ଗିରିପୋଷି-ଗୋରୁମହିଁଷାଣି ରେଳପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ପାଇଁ ପଦକ୍ଷେପ ନିଆଯାଉଛି ବୋଲି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ।

## ପାରା ଆଥଲେଟ୍

ରାଜ୍ୟର ପ୍ରତ୍ୟେକ ବ୍ଲକରେ ନିର୍ମାଣ ହୋଇଥିବା କ୍ରୀଡ଼ା ଭିତ୍ତିଭୂମି ସମ୍ପୂର୍ଣ୍ଣଭାବେ ଦିବ୍ୟାଙ୍ଗ ଅନୁକୂଳ ହେବ ବୋଲି କ୍ରୀଡ଼ା ଓ ଯୁବସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରେ ୨୪ତମ ଜାତୀୟ ପାରା ଆଥଲେଟିକ୍ସ ଚାମ୍ପିୟନସିପ୍‌କୁ ଗତକାଲି ଉଦ୍‌ଘାଟନ କରି କ୍ରୀଡ଼ାମନ୍ତ୍ରୀ କହିଛନ୍ତି ପ୍ରଧାନମନ୍ତ୍ରୀଙ୍କର ବିକଶିତ ଭାରତ ସଂକଳ୍ପକୁ ସାକାର କରିବା ଦିଗରେ ଦିବ୍ୟାଙ୍ଗ ଖେଳାଳିମାନଙ୍କୁ ପ୍ରାଥମିକତା ଦିଆଯାଉଛି । ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ପାରା ଅଲମ୍ପିକ୍ସ କମିଟି ଏବଂ ରାଜ୍ୟ ପାରା ସ୍ପୋର୍ଟ୍‌ସ ଆସୋସିଏସନର ମିଳିତ ଆନୁକୂଲ୍ୟରେ ଗତକାଲିଠାରୁ ଆରମ୍ଭ ହୋଇଥିବା

ଚାମ୍ପିୟନସିପ୍ ଆସନ୍ତା ଶନିବାର ପର୍ଯ୍ୟନ୍ତ ଚାଲିବ । ଚାମ୍ପିୟନସିପ୍‌ରେ ୨୮ଟି ରାଜ୍ୟ ସମେତ ୧ହଜାର ୪୬୦ ପାରା ଆଥଲେଟ୍ ଭାଗ ନେଇଛନ୍ତି ।

## ଦୁଇଚକିଆ ଯାନ ଚଳାଚଳ

ରାୟଗଡା ସହର ମଧ୍ୟରେ ଥିବା ଓଭରବ୍ରିଜ୍ ଦେଇ ଆଜି ସକାଳ ୭ଟାରୁ ଦୁଇଚକିଆ ଯାନ ଚଳାଚଳ ଆରମ୍ଭ ହୋଇଛି। ଦୈନିକ ଦୁଇଘଣ୍ଟା ପାଇଁ ଦୁଇଚକିଆ ଯାନଗୁଡ଼ିକ ଚଳାଚଳ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକମାନଙ୍କର ସୁବିଧାକୁ ଦୃଷ୍ଟିରେ ରଖି ଅନୁମତି ଦିଆଯାଇଛି । ଜାତୀୟ ରାଜପଥ ୩୨୬ ଅନ୍ତର୍ଗତ ରାୟଗଡା ସହରର ରେଳ ଓଭରବ୍ରିଜ୍‌ରେ ଆବଶ୍ୟକୀୟ ମରାମତି କାମ ଚାଲିଥିବାରୁ ଜାନୁଆରୀ ମାସ ୧୦ତାରିଖରୁ ବ୍ରିଜ୍‌ରେ ଗାଡ଼ି ଚଳାଚଳକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା ।

## ଟାସ୍କଫୋର୍ସ ବୈଠକ

ନୂଆପଡ଼ା ଜିଲ୍ଲାରେ ଲଘୁ ଖଣିଜର ସୁପରିଚାଳନା ଓ ଅବୈଧ ଖନନ ନିୟନ୍ତ୍ରଣ ପାଇଁ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରୁ ମିଳିଥିବା ସୂଚନା ଅନୁସାରେ ଚଳିତ ୨୦୨୫-୨୬ ଆର୍ଥିକ ବର୍ଷର ଫେବୃୟାରୀ ମାସ ସୁଦ୍ଧା ୧କୋଟି ୮୬ଲକ୍ଷ ଟଙ୍କା ରାଜସ୍ୱ ସଂଗ୍ରହ ହୋଇଛି । ଅବୈଧ

ଖଣିଜ ଖନନ ଓ ପରିବହନକୁ ରୋକିବା ପାଇଁ ଉଚିତ୍ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

# ବୈଠକ

ସୁବର୍ଣ୍ଣପୁର ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୋଷ୍ଠୀ ସହଭାଗିତାକୁ ସୁଦୃଢ଼ କରିବା ନେଇ ଜିଲ୍ଲାସ୍ତରୀୟ ଗାଁ କଲ୍ୟାଣ ସମିତି, ଜନଆରୋଗ୍ୟ ସମିତି, ମହିଳା ଆରୋଗ୍ୟ ସମିତି ସମ୍ମିଳନୀ ସୋନପୁରଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଶାକର୍ମୀମାନଙ୍କର କାର୍ଯ୍ୟକୁ ପ୍ରଶଂସା କରାଯାଇଥିଲା । ସୁବର୍ଣ୍ଣପୁର ଜିଲ୍ଲାରେ ୭୮୫ଟି ଗାଁ କଲ୍ୟାଣ ସମିତି କାର୍ଯ୍ୟ କରୁଥିବାବେଳେ ୬୪୧ ଜଣ ଆଶାକର୍ମୀ ସେବା ଯୋଗାଉଛନ୍ତି ।

# ଜନଗଣନା ପ୍ରଶିକ୍ଷଣ ଶିବିର

ଝାରସୁଗୁଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜନଗଣନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଜିଲ୍ଲାର ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କୁ ଶିବିରରେ ତାଲିମ ପ୍ରଦାନ କରାଯାଇଛି । ଡିଜିଟାଲ ଓ କମ୍ପ୍ୟୁଟର ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯିବା ନେଇ ବୈଠକରେ ଆଲୋଚନା ହୋଇଥିଲା । ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଗାମୀ ଦିନରେ ବ୍ଲକସ୍ତରରେ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି ।

# ରାଷ୍ଟ୍ରୀୟ ନବବର୍ଷ ଅଭିନନ୍ଦନ

ରାଷ୍ଟ୍ରୀୟ ନବବର୍ଷ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ରାଜ୍ୟବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ଦେଶର ଐତିହାସିକ, ସଂସ୍କୃତିକ ଓ ଆଧ୍ୟାତ୍ମିକ ପରମ୍ପରାରେ ଗୁରୁତ୍ୱ ବହନ କରୁଥିବା ଆଜିର ଦିନ ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି ଓ ସମୃଦ୍ଧି ପାଇଁ କାମନା କରିଛନ୍ତି ।

## ପାଣିପାଗ

ରାଜ୍ୟରେ କାଳବୈଶାଖୀର ପ୍ରଭାବ ଆସନ୍ତା ୪ ଦିନ ପର୍ଯ୍ୟନ୍ତ ରହିବ ଏବଂ ଆଜିଠାରୁ ଏହାର ପ୍ରଭାବ ବୃଦ୍ଧି ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଅନୁମାନ କରାଯାଇଛି । ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ କନ୍ଧମାଳ, ରାୟଗଡା, କୋରାପୁଟ, ଗଜପତି, ମାଲକାନଗିରି ଜିଲ୍ଲାରେ ପବନ ୩୦ରୁ ୪୦ କିଲୋମିଟର ବେଗରେ ବହିବ । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଉପକୂଳବର୍ତ୍ତୀ ଅଂଚଳର ମୟୂରଭଞ୍ଜ ଓ କେନ୍ଦୁଝର ଜିଲ୍ଲାରେ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।